# NATIONAL NEWS BULLETIN (ODIA)

## 3 July - 2025

## Morning Bulletin : 7.15 A.M.

****************************************************

## ମୁଖ୍ୟ ସମ୍ବାଦ

- ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ ।
- ବାଣିଜ୍ୟ ଓ ପୁଞ୍ଜିନିବେଶ ସମେତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଘାନା ରାଷ୍ଟ୍ରପତିଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ହରିଆଣାର ମାନେସର ଠାରେ ଆଜିଠାରୁ ଆରମ୍ଭ ହେବ ସହରାଞ୍ଚଳ ସ୍ୱାୟତ ସଂସ୍ଥା ଅଧ୍ୟକ୍ଷମାନଙ୍କ ଜାତୀୟ  ସମ୍ମିଳନୀ ।
- ଆଜିଠାରୁ ଆରମ୍ଭ ହେଉଛି ୩୮ ଦିନିଆ ପବିତ୍ର ଅମରନାଥ ଯାତ୍ରା ।

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ୩୧୦ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଭାରତ ।

## ରିଜିଜୁ-ପାର୍ଲାମେଣ୍ଟ ସେସନ

ସଂସଦର ମୌସୁମୀ ଅଧିବେଶନ ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୌସୁମୀ ଅଧିବେଶନ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରିଜିଜୁ କହିଛନ୍ତି, ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମୌସୁମୀ ଅଧିବେଶନ ସମୟରେ ସ୍ୱାଧୀନତା ଦିବସ ପାଳନ ଲାଗି ଅଗଷ୍ଟ ୧୩ ଏବଂ ୧୪ ତାରିଖରେ ବୈଠକ ହେବ ନାହିଁ ।

## ପିଏମ୍-ଭିଜିଟ୍ ଘାନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫ଟି ରାଷ୍ଟ୍ର ଗସ୍ତ କାଳରେ ପ୍ରଥମ ପର୍ଯ୍ୟାୟରେ ଘାନାରେ ପହଞ୍ଚିଛନ୍ତି । ଘାନା ରାଷ୍ଟ୍ରପତି ଜନ୍ ଦ୍ରମାଣି ମାହାମା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ସହ ବିମାନ ବନ୍ଦରରେ ୨୧ ତୋପ ସଲାମି ସହ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ପରେ ଉଭୟ ନେତା ପ୍ରତିନିଧି ସ୍ତରୀୟ ଆଲୋଚନା କରିଥିଲେ । ଆଲୋଚନା ପରେ ଶ୍ରୀ ମୋଦୀ ଘୋଷଣା କରିଛନ୍ତି, ଉଭୟ ଭାରତ ଏବଂ ଘାନା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । **V/O-PM Modi-Ghana-Relation**

ଉଭୟ ନେତା ବାଣିଜ୍ୟ, ପୁଞ୍ଜିନିବେଶ, କୃଷି, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ସାମର୍ଥ୍ୟ ବୃଦ୍ଧି, ଭିତ୍ତିଭୂମି ଏବଂ ଜନସମ୍ପର୍କ ଉପରେ ଆଲୋଚନା କରିଥିଲେ । ଘାନାରେ ଭାରତ ପୁଞ୍ଜିନିବେଶ କରିବା ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ସହ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ବୃଦ୍ଧି କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିବା ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । **V/O-PM Modi- oN Terrorism**

ଭାରତ ସମର୍ଥିତ ଭିତ୍ତିଭୂମି ନିର୍ମାଣ ଏବଂ ସାମର୍ଥ୍ୟ ବୃଦ୍ଧି ପ୍ରକଳ୍ପ ଗୁଡ଼ିକର ବିକାଶ କରିବା ସ୍ୱାସ୍ଥ୍ୟ ଏବଂ ଔଷଧ ପ୍ରସ୍ତୁତି କ୍ଷେତ୍ରରେ ଜ୍ଞାନ ଆଦାନପ୍ରଦାନ ତଥା ୟୁ.ପି.ଆଇ. ଓ କୌଶଳ ବିକାଶ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ଏହି ବୁଝାମଣାପତ୍ର ଗୁଡ଼ିକ ସଂସ୍କୃତି, ଆୟୁର୍ବେଦ, ପାରମ୍ପରିକ ଔଷଧ ସହ ସମ୍ପର୍କିତ ।

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଘାନା ରାଷ୍ଟ୍ରପତି ମାହାମା ଘାନାର ସର୍ବୋଚ୍ଚ ସମ୍ମାନ 'ଅଫିସ୍ ଅଫ୍ ଦ ଅର୍ଡର ଅଫ୍ ଦ ଷ୍ଟାର୍ ଅଫ୍ ଘାନା' ପ୍ରଦାନ କରିଥିଲେ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ଶ୍ରୀ ମୋଦୀ ତ୍ରିନିଦାଦ ଓ ଟୋବାଗୋ ଯିବେ । ରାଷ୍ଟ୍ରପତି ଖ୍ରୀଷ୍ଟାଇନ୍ କାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସର୍‌ଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେଠାକାର ଯୁଗ୍ମ ସଂସଦୀୟ ଅଧିବେଶନରେ ଶ୍ରୀ ମୋଦୀ

ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ତୃତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଆର୍ଜେଣ୍ଟିନାରେ ପହଞ୍ଚିବେ । ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ମିଲେଇଙ୍କ ସହ ପ୍ରତିରକ୍ଷା, କୃଷି, ଖଣି ଖନନ, ତୈଳ ଓ ବାଷ୍ପ, ନବୀକରଣ ଶକ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶ ଭଳି ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିବେ ।

ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ୫ ତାରିଖରେ ବ୍ରାଜିଲ୍‌ରେ ପହଞ୍ଚିବେ । ବ୍ରାଜିଲ୍‌ର ରିଓ-ଡି-ଜେନେରିଓ ଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ଜୁଲାଇ ୯ ତାରିଖରେ ନାମିବିୟା ଗସ୍ତରେ ଯିବେ । ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନାମିବିୟା ଗସ୍ତ । ସେଠାରେ ସେ ନାମିବିୟା ରାଷ୍ଟ୍ରପତି ନାନ୍ଦି ଏନ୍.ଦାୟିତ୍ୱାହାଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ଓମ୍ ବିର୍ଲା- କନଫରେନ୍ସ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ହରିୟାଣାର ମାନେସରଠାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାର ଅଧ୍ୟକ୍ଷମାନଙ୍କ ଜାତୀୟ ସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି ଦୁଇଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି 'ସାମ୍ବିଧାନିକ ଗଣତନ୍ତ୍ର ଏବଂ ରାଷ୍ଟ୍ର ନିର୍ମାଣ ସୁଦୃଢ଼ କରିବା ନିମନ୍ତେ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାର ଭୂମିକା' । ଦେଶରେ ଦ୍ରୁତ

ସହରାଞ୍ଚଳ ବିକାଶ ଦୃଷ୍ଟିରୁ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏହି ସମ୍ମିଳନୀ ଗୁରୁତ୍ୱ ବହନ କରୁଛି। ଗଣତନ୍ତ୍ରିକ ସଂସ୍ଥାଗୁଡ଼ିକ ସୁଦୃଢ଼ କରିବା, ଉତ୍ତମ ବ୍ୟବସ୍ଥାର ପ୍ରଚାର ପ୍ରସାର କରିବା, ନବସୃଜନ ପ୍ରକ୍ରିୟାକୁ ବ୍ୟାପକ କରିବା ମଧ୍ୟ ଏହି ସମ୍ମିଳନୀର ଲକ୍ଷ୍ୟ। ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିନିଧିମାନେ ପୌର ସଂସ୍ଥାଗୁଡ଼ିକର ସୁପରିଚାଳନା, ସାଧାରଣ ଜନତାଙ୍କ ଗୁଣାତ୍ମକ ଜୀବନଶୈଳୀର ମାନବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

# ଅମରନାଥ ଯାତ୍ରା

୩୮ ଦିନିଆ ଅମରନାଥ ଯାତ୍ରା ଆଜିଠାରୁ ଆରମ୍ଭ ହେଉଛି । ଦକ୍ଷିଣ କାଶ୍ମୀରର ପହଲଗାମ ଏବଂ କେନ୍ଦ୍ରୀୟ କାଶ୍ମୀରର ଗନ୍ଦେରବଲ ଜିଲ୍ଲା ଅନ୍ତର୍ଗତ ବଲ୍‌ତାଲ୍ ମାର୍ଗ ଦେଇ କଡ଼ା ସୁରକ୍ଷା ମଧ୍ୟରେ ଅମରନାଥ ଯାତ୍ରା ଆରମ୍ଭ ହେବ । କାଶ୍ମୀର ଅଞ୍ଚଳରେ ହିମାଳୟର ୧୨ ହଜାର ୭୫୬ ଫୁଟ୍ ଉଚ୍ଚରେ ଅମରନାଥ ଗୁମ୍ଫା ଅବସ୍ଥିତ । ପ୍ରତ୍ୟେକ ବର୍ଷ ଏହି ସମୟରେ ସେଠାରେ ବରଫ ଆଚ୍ଛାଦିତ ଶିବଲିଙ୍ଗ ଆକୃତି  ହୋଇଥାଏ ।

୨୯୯ଟି ଯାନରେ ୨ହଜାର ୩୦୦ରୁ ଅଧିକ ତୀର୍ଥ ଯାତ୍ରୀ ବଲତାଲ ମାର୍ଗକୁ ଯାତ୍ରା କରି ଏବଂ ୩ ହଜାରରୁ ଅଧିକ ଯାତ୍ରୀ ପହଲଗାମ ମାର୍ଗରେ ପହଞ୍ଚି ସାରିଛନ୍ତି । ଯାତ୍ରୀମାନେ 'ବମ୍ ବମ୍ ବୋଲେ ଏବଂ ଜୟ ବରଫାନି ବାବା କି ଜୟ' ଉଚ୍ଚାରଣ ସହ ପହଞ୍ଚିବା ପରେ ସେମାନଙ୍କୁ ସ୍ଥାନୀୟ ଲୋକେ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା ।

ଚଳିତ ବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁ ଏହି ଯାତ୍ରାରେ ସାମିଲ ହେବା ସମ୍ଭାବନା ଥିବାରୁ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି । ପୂର୍ବରୁ ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ପ୍ରଥମ ଦଳ ତୀର୍ଥଯାତ୍ରୀଙ୍କୁ  ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେ ତୀର୍ଥ ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ଜୟଶଙ୍କର-ପାକ୍

ଆମେରିକା ସହ ଭାରତର ସମ୍ପର୍କ ପାକିସ୍ତାନ ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ୱାଶିଂଟନ୍ ଠାରେ ଏକ ସମ୍ବାଦ ସମ୍ମିଳନୀରେ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ-ଆମେରିକା ସମ୍ପର୍କ ଆପୋଷ ବୁଝାମଣା ଉପରେ ପର୍ଯ୍ୟବେଶିତ ଏବଂ ଏଥିରେ କୌଣସି ତୃତୀୟ ଦେଶର ଭୂମିକା ନାହିଁ । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଦୃଢ଼ ସମ୍ପର୍କ ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରଯୁକ୍ତି ବିଦ୍ୟା, ଶକ୍ତି କ୍ଷେତ୍ର ଉପରେ ନିର୍ଭରଶୀଳ ।

ଅପରେସନ ସିନ୍ଦୂର ସମୟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅସ୍ତ୍ରବିରତି  ଲାଗି ପ୍ରସ୍ତାବ ଦେଇଥିବା ବିଷୟକୁ ଡକ୍ଟର ଜୟଶଙ୍କର ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ତଥ୍ୟ ଅନୁଯାୟୀ ଉଭୟ ଦେଶର ସାମରିକ ଅଧିକାରୀମାନଙ୍କ ମଧ୍ୟରେ ବୁଝାମଣା ପରେ ଅସ୍ତ୍ରବିରତି ହୋଇଥିଲା ।

ଆମେରିକା ଗସ୍ତ କାଳରେ ଡକ୍ଟର ଜୟଶଙ୍କର ଆମେରିକା ବୈଦେଶିକ ସଚିବ ମାର୍କ ରୁବିଓ ଏବଂ ଅଷ୍ଟ୍ରେଲିଆ ଓ ଜାପାନର ବୈଦେଶିକ ମନ୍ତ୍ରୀଙ୍କ ସହ କ୍ୱାଡ୍ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀରେ  ଭାଗ ନେଇଥିଲେ । ସମସ୍ତ ସଦସ୍ୟ ଦେଶ ପହଲଗାମରେ ସଂଗଠିତ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲେ । ପରେ ଡକ୍ଟର ଜୟଶଙ୍କର ଆମେରିକାର ପ୍ରତିରକ୍ଷା ଓ ଶକ୍ତି ସଚିବ ସହ ପ୍ରତିରକ୍ଷା, ବାଣିଜ୍ୟ ଏବଂ ଶକ୍ତି କ୍ଷେତ୍ରରେ ସହଯୋଗ ନେଇ ବୈଠକ କରିଥିଲେ ।

## ଏମ୍ଇଏ ମାଲି

ମାଲିର କାଏସ୍ ଠାରେ ଥିବା ଡାଇମେଣ୍ଡ ସିମେଣ୍ଟ ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ତିନି ଜଣ ଭାରତୀୟ ନାଗରୀକଙ୍କୁ ଅପହରଣ ଘଟଣାରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଚିନ୍ତା ପ୍ରକଟ କରିଛି । ଚଳିତ ମାସ ୧ ତାରିଖରେ ଫ୍ୟାକ୍ଟ୍ରି ଉପରେ ସଶସ୍ତ୍ର ବନ୍ଧୁକଧାରୀ ଆକ୍ରମଣ କରିବା ପରେ  ତିନି ଜଣ ଭାରତୀୟଙ୍କୁ ପଣବନ୍ଦୀ କରିଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସମ୍ପୃକ୍ତ ଆତଙ୍କବାଦୀମାନେ ସେଠାକାର ବିଭିନ୍ନ ପ୍ରତିଷ୍ଠାନ ଗୁଡ଼ିକ ଉପରେ ମଧ୍ୟ ଆକ୍ରମଣ କରିଥିଲେ ।

ବାମାକୋ ଠାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ମାଲି ସରକାର ଏବଂ ସେଠାକାର ଆଇନ୍ ପ୍ରଣୟନକାରୀ ସଂସ୍ଥା ଗୁଡ଼ିକ ସହ ସମ୍ପର୍କ ରହିଛନ୍ତି । ଅନ୍ୟ ପକ୍ଷରେ ଅପହୃତ ହୋଇଥିବା ଭାରତୀୟ ନାଗରୀକଙ୍କ ପରିବାର ସହ

ମଧ୍ୟ ଦୂତାବାସ ଯୋଗାଯୋଗରେ ଅଛି । ଏହି ଘଟଣାକୁ ଭାରତ ପକ୍ଷରୁ ନିନ୍ଦା କରାଯିବା ସହ ଭାରତୀୟ ନାଗରୀକଙ୍କ ସୁରକ୍ଷିତ ମୁକ୍ତି ଲାଗି ମାଲି ସରକାରଙ୍କ ସହ ଆଲୋଚନା କରାଯାଇଛି । ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏହି ଘଟଣା ଉପରେ ନଜର ରଖିଛନ୍ତି ।

## ଇଣ୍ଡିଆ-ଇଂଲଣ୍ଡ ସେକେଣ୍ଡ ଟେଷ୍ଟ

ବ୍ରିମିଂହାମ୍‌ର ଏଜ୍‌ବାଷ୍ଟନ ଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତ ଇଂଲଣ୍ଡ ବିପକ୍ଷରେ ୫ ୱିକେଟ ହରାଇ ୩୧୦ରନ୍ ସ୍କୋର କରିଛି । ଅଧିନାୟକ ଶୁଭମନ ଗିଲ୍ ୧୧୪ରନ୍ ଏବଂ ରବିନ୍ଦ୍ର ଜାଡ଼େଜା ୪୧ରନ୍ କରି କ୍ରିଜ୍‌ରେ ଅଛନ୍ତି । ଗତକାଲିର ଖେଳରେ ଯଶସ୍ୱୀ ଜୟସ୍ୱାଲ୍ ୮୭ରନ୍ ସ୍କୋର କରିଥିଲେ । ଇଂଲଣ୍ଡର କ୍ରିସ୍ ୱୋକ୍ସ ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ଇଂଲଣ୍ଡ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳରେ ତିନୋଟି ପରିବର୍ତ୍ତନ କରାଯାଇଛି । ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଆକାଶଦୀପଙ୍କୁ ଦଳରେ ସାମିଲ କରାଯାଇଛି । ଅନ୍ୟ ପକ୍ଷରେ ୱାଶିଂଟନ୍ ସୁନ୍ଦର ଏବଂ ନିତିଶ କୁମାର ରେଡ୍ଡୀଙ୍କୁ ସାର୍ଦ୍ଦୁଲ ଠାକୁର ଓ ସାଇ ସୁଦର୍ଶନଙ୍କ ବଦଳରେ ଦଳରେ ସାମିଲ କରାଯାଇଛି ।

୫ଟିକିଆ ଟେଷ୍ଟ ସିରିଜ୍‌ର ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ୫ ଓ୍ୱିକେଟ୍‌ରେ ଭାରତକୁ ପରାସ୍ତ କରିଥିଲା ।

## ହକି-ସବ୍‌ଜୁନିୟର୍ ଓ୍ୱିମ୍ୟାନ୍ ଚାମ୍ପିୟନ୍‌ସିପ୍

ପଞ୍ଚଦଶ ହକି ଇଣ୍ଡିଆ ସବ୍‌ଜୁନିୟର୍ ମହିଳା ଜାତୀୟ ଚାମ୍ପିୟନ୍‌ସିପ୍ ୨୦୨୫ ଆଜିଠାରୁ ଝାଡ଼ଖଣ୍ଡ ରାଞ୍ଚି ସ୍ଥିତ ଗୋମକେ ଜୟପାଲ ସିଂହ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ମୋଟ୍ ୨୮ଟି ଦଳ ଭାଗ ନେଉଥିବା ବେଳେ ସେମାନଙ୍କୁ ତିନୋଟି ଭାଗରେ ବିଭକ୍ତ କରାଯାଇଛି । ଶ୍ରେଷ୍ଠ ୧୨ଟି ଟିମ୍‌କୁ ଗ୍ରୁପ୍-ଏରେ ରଖାଯାଇଥିବା ବେଳେ ଅନ୍ୟ ଟିମ୍ ଗୁଡ଼ିକୁ ଗ୍ରୁପ୍-ବି ଓ ସିରେ ସାମିଲ କରାଯାଇଛି । ଆସନ୍ତା ୧୧ ତାରିଖରେ କ୍ୱାର୍ଟର ଫାଇନାଲ୍, ୧୨ ତାରିଖରେ ସେମିଫାଇନାଲ୍‌ରେ ଏବଂ ୧୪ ତାରିଖରେ ଫାଇନାଲ୍ ମ୍ୟାଚ୍ ସହ ତୃତୀୟ ସ୍ଥାନ ଲାଗି ମ୍ୟାଚ୍ ଅନୁଷ୍ଠିତ ହେବ ।

## ଫୁଟବଲ୍-ଏଏଫ୍‌ସି ଏସିଆନ୍ କପ୍

ଥାଇଲାଣ୍ଡର ଚିଆଙ୍ଗ ମାଇ ଠାରେ ଅନୁଷ୍ଠିତ ଏ.ଏଫ୍.ସି. ମହିଳା ଫୁଟବଲ୍ ଏସିଆନ୍ କପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ୫-୦ ଗୋଲ୍‌ରେ ଇରାକ୍‌କୁ ପରାସ୍ତ କରିଛି । ୯ ପଏଣ୍ଟ ସହ ଭାରତ ଗ୍ରୁପ୍-ବିରେ

ଶୀର୍ଷରେ ରହିଛି । ଆସନ୍ତା ଶନିବାର ଦିନ ଗ୍ରୁପ୍-ବିର ଫାଇନାଲ୍ ମ୍ୟାଚ୍‌ରେ ଭାରତ ଏବଂ ଥାଇଲାଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।